# ତହସିଲ କାର୍ଯ୍ୟାଳୟ, ରାୟଗଡ

## (ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର)

ବିଜ୍ଞପ୍ତି ସଂଖ୍ୟା...୬୬୦୨............... ତାରିଖ......୦୮.୧୨.୨୦୨୦.................

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାୟଗଡ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୨୦-୨୦୨୧ ଆର୍ଥିକ ବର୍ଷ ଠାରୁ ୨୦୨୪-୨୦୨୫ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ (OMMC Rules-2016 ଦ୍ୱାରା ପ୍ରଣୀତ) Form-M ପୂରଣ କରି ୩ ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫାରେ ତହସିଲଦାର, ରାୟଗଡଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ।(ଲଫାଫା ଉପରେ ସାଇରତ ଉତ୍ସର ନାମ ଲେଖାଥିବା ଆବଶ୍ୟକ)। ଧାର୍ଯ୍ୟ ତାରିଖ ର ପୂର୍ବ ଦିନ ଅପରାହ୍ନ ତଥା ତା: ୦୭.୦୧.୨୦୨୧, ୧୫.୦୧.୨୦୨୧ ଏବଂ ୨୨.୦୧.୨୦୨୧ ଘ ୫ :୩0 ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆ ଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା , କ୍ଷମତାପ୍ରାପ୍ତ ଅଧିକାରୀ ଓ ତହସିଲଦାର ରାୟଗଡ଼ଙ୍କ ରହିଅଛି।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ :-**

୧. ଦରଖାସ୍ତ ପାଉଣା ବାବଦ ଟ୧୦୦୦.୦୦ଙ୍କା ( ଅଣଫେରସ୍ତ )ର ଟ୍ରେଜେରୀ ଚାଲାଣ।(ଏକ ହଜାର ଟଙ୍କା) (Head of Account -0853- Non-Ferroys Metallurgical and Minerals Industries -102- Mineral concession Rent and Royalty)

୨. ସୈରାତ ଉତ୍ସ ବାବାଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩. ଲିଜଧାରୀ ନୋଟିସ ମାଧ୍ୟମରେ ଉଲ୍ଲେଖ କରି ଥିବା ସାଇରତ ଉତ୍ସର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣର ରୟାଲଟି ଏବଂ ଅତିରିକ୍ତ ଦାବୀ (Additional charges)ର ୫ ପ୍ରତିଶତ Demand Draft ତହସିଲଦାର, ରାୟଗଡ ନାମରେ ଅମାନତ ରାଶି ଫୋରମ-ଏମ ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜଧାରୀ ୧୫ଦିନ ମଧ୍ୟରେ OMMC Rules-2016 rule 27 ର ଉପଧାରା -୭ ଧାରା ଅନୁଯାୟୀ ବଳକା ଅମାନତ ରାଶି ପଇଠ କରିବେ।

୪.ବ୍ୟାଙ୍କ ଅଧିକାରୀଙ୍କ ଠାରୁ ପ୍ରାପ୍ତ Bank Guarantee/Solvency Certificate ଯାହାର ଅବଧି ୧୮ ମାସ ଠାରୁ ଅଧିକ ହୋଇନଥିବ ଏବଂ ଉଲ୍ଲେଖ କରାଯାଇଥିବା ବାର୍ଷିକ ନିଶ୍ଚିତ ପରିମାଣର ରୟାଲିଟି ଏବଂ ଅତିରିକ୍ତ ଦାବୀର ପରିମାଣ ଠାରୁ କମ ହୋଇନଥିବ। (OMMC Rule-2016 rule 27 ର ଉପଧାରା -4(iv) )।

୫.ଆବେଦନକାରୀ ନିଜର ପରିଚୟ ପତ୍ର / ଆଧାର କାର୍ଡ଼/ପାନ କାର୍ଡ଼ ସଙ୍ଗଲଗ୍ନ କରିବେ ।

**ବିଶେଷ ସର୍ତାବଳୀ :-**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୬ OMMC Rules-2016 ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ।

୦୭.୧୨.୨୦

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଯାହାକି ପ୍ରଚଳିତ ରୟାଲିଟିର ୭% ଜିଲ୍ଲାପାଳ, ରାୟଗଡଙ୍କ ଦ୍ଵାରା ଅନୁମୋଦିତ ହୋଇଅଛି ଏବଂ ତାହା ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ। ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତାହାହେଲେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ।

୩. ମାଇନିଙ୍ଗ ପ୍ଲାନ ରେ ଦର୍ଶଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଦ୍ରବ୍ୟର ପରିମାଣ ତଥା ଲିଜଧାରୀ ଙ୍କ ଦ୍ଵାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଏବଂ ପ୍ରଚଳିତ ରୟାଲିଟି କୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ Environment Clearance ଆଣି ସାରିଲା ପରେ ପଇଠ କରିବେ । ସମ୍ପୃକ୍ତ ରାଶି ପଇଠ ହେଲା ପରେ ରେଜିଷ୍ଟ୍ରେଶନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ-୧୮୯୯ ଅନୁଯାୟୀ ସମ୍ପୃକ୍ତ ସାଇରତ ଉପର ଚୁକ୍ତିପତ୍ର Form-N (Lease Deed) ତିନି ସପ୍ତାହ ମଧ୍ୟରେ ସମ୍ପାଦନ କରିବେ ନଚେତ ଜାରି କରାଯାଇଥିବା ହୁକୁମ ନାମା ରଦ୍ଦ କରାଯିବା ସହ ସମ୍ପୃକ୍ତ ସୁରକ୍ଷା ପାଣ୍ଠି (Security Deposit) ବାଜ୍ୟାପ୍ତି କରାଯାଇ ସରକାରଙ୍କ ପାଣ୍ଠିରେ ଜମା କରାଯିବ।

୪.ଯଦି ସର୍ବୋଚ୍ଚ ଅତିରିକ୍ତ ଦାବୀ (Additional Charges) ମୂଲ୍ୟଙ୍କ କରିଥିବା ଆବେଦନକାରୀ ସମୟ ସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ଏବନ ପରବର୍ତ୍ତୀ ସର୍ବାଧିକ ନିଲାମଧାରି ମାନଙ୍କୁ କ୍ରମାନ୍ଵୟରେ ସୁଯୋଗ ଦିଆଯିବ।

୫. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦାବୀ (Additional Charges) ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାର କୁ ନିଆଯିବ ନାହିଁ।

୬.ନିଲାମ ଧାରୀ ମାନେ OMMC rule-2016 ରେ ଥିବା 27 ର 1 ରୁ 17 ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳି ମାନିବା ନିମନ୍ତେ ବାଧ୍ୟ ହେବେ।

୭.ଲିଜଧାରୀ ବାର୍ଷିକ Surface Rent, Deed Rent, ରୟାଲିଟି, ଅତିରିକ୍ତ ଦାବୀ, ଜମା ରୟାଲିଟି ର ୨% ଅର୍ଥ ଆୟକର ବାବଦ କୁ, ୧୦% ଅର୍ଥ ଜିଲ୍ଲା ମିନେରାଲ ପାଣ୍ଠିକୁ, ୫% ଅର୍ଥ ରାଜ୍ୟ ପରବେଶ ପରିଚାଳନା ପାଣ୍ଠି କୁ ଏବଂ ୫% ଅର୍ଥ Compensatory Afforestation Fees ବାବଦକୁ ଅର୍ଥ ଜମା କରିବେ।

୮. ଦରଖାସ୍ତକାରୀ Mines Act 1952 ଏବଂ Explosive Act -1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ।

୯. ଦରଖାସ୍ତକାରୀ ପ୍ରତି ବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲିଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ।

୧୦. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ଏବଂ Environment Clearance ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ ପ୍ରଦାନକାରୀ (ତହସିଲଦାର) ସରକାରୀ ଦେୟ ରେ ଏ ସବୁ ପ୍ରସ୍ତୁତ କରିଥିବେ ତେବେ ପରବର୍ତ୍ତୀ ସମୟରେ ଲିଜଧାରୀ ଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜ ରାଜିନାମା ଦାଖଲ ସମୟରେ ଅସୁଲ କରାଯିବ ।

L.Bel 07.12.20

୧୧.ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ପଦାର୍ଥ ର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୂତ ପରିମାଣ (Annual minimum guaranteed quantity) ମୋଟ ରୟାଲିଟି/ଅତିରିକ୍ତ ରୟାଲିଟି/Dist. Mineral Fund/State Mineral Fund ବାବଦ ଦେୟର ମୋଟ ପରିମାଣର ୨୫% EMD ଦାଖଲ କରିବେ। ଏଥିସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ୧୦,୦୦୦ ଟଙ୍କା ଅମାନତ ରୂପେ ଜମା କରିବେ। (ଦ୍ରଷ୍ଟବ୍ୟ ନିୟମ -୪୨)

୧୨. ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜ ଧରି ଲିଜ ସର୍ତ୍ତାବଳୀର କୌଣସି ଖିଲାପ କରିନଥିବେ ତେବେ ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବାଜ୍ୟାପ୍ତି କରାଯିବ।

୧୩. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ଦର୍ଶାଇ ଯେ କୌଣସି ସମୟରେ ଲିଜ କୁ ନାକଚ କରିପାରିବେ।

୧୪. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜିନାମା ଲିଜଧାରୀ ଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧି ମାନେ ପୁନଶ୍ଚ ଲିଜ ରାଜିନାମା କରି ସମ୍ପୃକ୍ତ ଖଣି ଲିଜ ପରିଚାଳନା କରିପାରିବେ।

୧୫.ଚୟନ ହୋଇଥିବା ସମସ୍ତ ଲିଜଧାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ-୨୦୧୬ ଧାରା ୨୭,୨୮,୨୯,୩୦,୩୧,୩୨ ଓ ୩୩ ଏବଂ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧିତ) ନିୟମ-୨୦୧୭ ଓ ୨୦୧୮ ର ସମସ୍ତ ଉପଧାରାର ସର୍ତ୍ତାବଳୀ କୁ ମାନିବା ପାଇଁ ବାଧ୍ୟ ରହିବେ।

୧୬.ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲିଟି ମୂଲ୍ୟ ବୃଦ୍ଧି କୁ ନେଇ ଲିଜଧାରୀ ମାନେ ବର୍ଦ୍ଧିତ ଧାରରେ ରୟାଲିଟି ପଇଠ କରିବା ପାଇଁ ବାଧ୍ୟ ରହିବେ।

ପ୍ରଥମେ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସଇରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ , ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ। ସାଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ(ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହି ଅଛି। ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କର ରହିଅଛି। ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଏବଂ ସମୟ ନିମ୍ନରେ ପ୍ରଦାନ କରାଯାଇ ଅଛି। ସଇରାତ ଉତ୍ସ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଯାଇଛି।

| | | |
|---|---|---|
| ନିଲାମ ସ୍ଥାନ | : | ତହସିଲ କାର୍ଯ୍ୟାଳୟ, ରାୟଗଡ଼ |
| ଧାର୍ଯ୍ୟ ତାରିଖ ଏବଂ ସମୟ | : | ପ୍ରଥମ ପର୍ଯ୍ୟାୟ ତା .୦୮.୦୧.୨୦୨୧ ରିଖ ଦିବା ୧୧.୦୦ ଘଟିକା |
| | | ଦ୍ୱିତୀୟ ପର୍ଯ୍ୟାୟ ତା .୧୬.୦୧.୨୦୨୧ ରିଖ ଦିବା ୧୧.୦୦ ଘଟିକା |
| | | ତୃତୀୟ ପର୍ଯ୍ୟାୟ ତା .୨୩.୦୧.୨୦୨୧ ରିଖ ଦିବା ୧୧.୦୦ ଘଟିକା |

07.12.20

ତହସିଲଦାର, ରାୟଗଡ

ସ୍ମାରକ ପତ୍ର ସଂଖ୍ୟା ...୫୩୦୩.....                                        ତାରିଖ...୦୮.୧୨.୨୦.....

ଏହି ବିଜ୍ଞାପନର ଏକାକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟଳୟ/ରାଜସ୍ୱ ନିରୀକ୍ଷକ କାର୍ଯ୍ୟଳୟ/ପଞ୍ଚାୟତ ସମିତି କାର୍ଯ୍ୟଳୟ, ରାୟଗଡ/ତହସିଲ କାର୍ଯ୍ୟଳୟ, ରାୟଗଡ ବିଜ୍ଞାପନ ଫଳକରେ ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା।

07.12.20

ତହସିଲଦାର, ରାୟଗଡ

ସ୍ମାରକ ପତ୍ର ସଂଖ୍ୟା ...୫୩୦୪.....                                        ତାରିଖ...୦୮.୧୨.୨୦.....

ଏହି ବିଜ୍ଞାପନର ଏକାକିତା ନକଲ ସମ୍ପୃକ୍ତ D.I.O NIC, ରାୟଗଡଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବିଜ୍ଞାପନଟିକୁ www.rayagada.nic.in ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା।

07.12.20

ତହସିଲଦାର, ରାୟଗଡ

ସ୍ମାରକ ପତ୍ର ସଂଖ୍ୟା ...୫୩୦୫.....                                        ତାରିଖ...୦୮.୧୨.୨୦.....

ଏହି ବିଜ୍ଞାପନର ଏକାକିତା ନକଲ ଜିଲ୍ଲାପାଳ ରାୟଗଡ/ଉପ ଜିଲ୍ଲାପାଳ ରାୟଗଡଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

07.12.20

ତହସିଲଦାର, ରାୟଗଡ

# ତହସିଲ କାର୍ଯ୍ୟାଳୟ, ରାୟଗଡ଼

## ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା-୪୭୦୬ /୨୦୨୦ ତାରିଖ: ୮.୧୨.୨୦୨୦

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ରାୟଗଡ଼ ତହସିଲର (୧୨) ବାର ଗୋଟି ସୈରାତ ଉତ୍ସ ଗୁଡିକ ଦୀର୍ଘମିଆଦି ଲିଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତାବକ ପାଞ୍ଚ ବର୍ଷ ନିମନ୍ତେ (୨୦୨୦-୨୧ ଠାରୁ ୨୦୨୪-୨୫) ଦିଆଯିବ। ଏଥୀ ସମ୍ପର୍କିତ ସମସ୍ତ ବିବରଣୀ ଯଥା, ବିଜ୍ଞାପନ, ସର୍ତାବଳୀ ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.in ରେ ଉପଲବ୍ଧ କରାଯାଇଛି। ଇଚ୍ଛୁକବ୍ୟକ୍ତି ବିଶେଷ ବିଜ୍ଞାପନ ରେ ଦର୍ଶାଯାଇଥିବା Form-M ପୂରଣ କରି ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେନିର୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ।

| | | |
|---|---|---|
| ନିଲାମ ସ୍ଥାନ | : | ତହସିଲ କାର୍ଯ୍ୟାଳୟ, ରାୟଗଡ଼ |
| ଧାର୍ଯ୍ୟ ତାରିଖ ଏବଂ ସମୟ | : | ପ୍ରଥମ ପର୍ଯ୍ୟାୟ ତା .୦୮.୦୧.୨୦୨୧ ରିଖ ଦିବା ୧୧.୦୦ ଘଟିକା |
| | | ଦ୍ଵିତୀୟ ପର୍ଯ୍ୟାୟ ତା .୧୬.୦୧.୨୦୨୧ ରିଖ ଦିବା ୧୧.୦୦ ଘଟିକା |
| | | ତୃତୀୟ ପର୍ଯ୍ୟାୟ ତା .୨୩.୦୧.୨୦୨୧ ରିଖ ଦିବା ୧୧.୦୦ ଘଟିକା |

Sd/- 12.01.20
ତହସିଲଦାର, ରାୟଗଡ଼

ପରିପତ୍ର ସଂଖ୍ୟା ୪୭୦୭ /୨୦୨୦ ତା:୮.୧୨.୨୦୨୦

ଏହାର ଏକାକିତା ନକଲ ବିଜ୍ଞାପନ ପରିଚାଳକ ପ୍ରମେୟ (ଦୈନିକ) ଭୁବନେଶ୍ଵର ସଂସ୍କରଣ, / ବିଜ୍ଞାପନ ପରିଚାଳକ ସମ୍ବାଦ (ଦୈନିକ) ଭୁବନେଶ୍ବର ସଂସ୍କରଣ ତରଫରୁ ସ୍ଥାନୀୟ ପ୍ରତିନିଧିଙ୍କୁ ପ୍ରଦାନ କରି ଅନୁରୋଧ କରାଗଲା ଯେ ଉପରୋକ୍ତ ବିଜ୍ଞାପନ ଗୋଟିଏ ଦିନର ସଂସ୍କରଣ ରେ ପ୍ରକାଶ କରିବା ହେବେ ।

Sd/- 12.01.20
ତହସିଲଦାର, ରାୟଗଡ଼

## ANNEXURE-I

| କ୍ରମିକ ସଂଖ୍ୟା | ଲଘୁଖଣିଜ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା ଏକରରେ | କିସମ | ଲଘୁଖଣିଜ ର ନାମ | ଲଘୁ ଖଣିଜ ପଦାର୍ଥର ସର୍ବନିମ୍ନ ଧାର୍ଯ୍ୟ ରାଜସ୍ୱ (per cm) ଟଙ୍କାରେ | ଅତିରିକ୍ତ ଦେୟ (per cm) ଟଙ୍କାରେ | MGQ PER YEAR IN CUM | ଆନୁମାନିକ ବାର୍ଷିକ ଧାର୍ଯ୍ୟ ଲଘୁଖଣିଜ ପରିମାଣ ଦାଖଲ କରିବାକୁ ଥିବା bank gurantee/solvency certificate ର ପରିମାଣ ଟଙ୍କାରେ | ଅଗ୍ରୀମ ପୋଇଠ କରିବାକୁ ଥିବା ଅମାନତ ରାଶି ଢ଼ଓ ପରିମାଣ ଟଙ୍କା। |
|---|---|---|---|---|---|---|---|---|---|---|---|---|
| 1 | CHANDILI SAND BED | CHANDILI | 61 | 755 | 12 | SAND | SAND | 35 | 3 | 7807 | 296666 | 14833 |
| 2 | RAJPUR STONE QUARRY | RAJPUR | 8 | 1 | 5 | STONE | STONE | 130 | 10 | 8236 | 1153040 | 57652 |
| 3 | BHALUMATI STONE QUARRY | BHALUMATI | 17 | 1 | 12 | STONE | STONE | 130 | 10 | 80304 | 11242560 | 562128 |
| 4 | JURUDI MORRUM QUARRY | JURUDI | 29 | 95 | 3.00 | PAHADA | MORRUM | 35 | 3 | 3040 | 115520 | 5776 |
| 5 | DURGAPADU MORRUM QUARRY | DURGAPADU | 79 | 81 | 2.50 | PAHADA | MORRUM | 35 | 3 | 3036 | 115368 | 5768 |
| 6 | DURGAPADU MORRUM QUARRY | DURGAPADU | 79 | 83 | 2.50 | PAHADA | MORRUM | 35 | 3 | 3024 | 114912 | 5746 |
| 7 | LIMBESU | LIMBESU | 10 | 60 | 4.00 | PAHADA | MORRUM | 35 | 3 | 3024 | 114912 | 5746 |
| 8 | GUMMA MORRUM QUARRY | GUMMA | 18 | 106 | 5.00 | PAHADA | MORRUM | 35 | 3 | 3036 | 115368 | 5768 |
| 9 | TAMPARABUDUNI MORRUM QUARRY | TAMPARABUDUNI | 21 | 53 | 4.00 | PAHADA | MORRUM | 35 | 3 | 3075 | 116850 | 5843 |
| 10 | PITAMAHAL MORRUM QUARRY | PITAMAHAL | 22 | 55/1 | 4.00 | PAHADA | MORRUM | 35 | 3 | 3024 | 114912 | 5746 |
| 11 | KULI MORRUM QUARRY | KULI | 58 | 43 | 5.00 | PAHADA | MORRUM | 35 | 3 | 3038 | 115444 | 5772 |
| 12 | KASILI MORRUM QUARRY | KASILI | 30 | 227 | 5.00 | PAHADA | MORRUM | 35 | 3 | 3075 | 116850 | 5843 |

09.12.20

TAHASILDAR : RAYAGADA